ଭାରତୀୟ ଜନତା ପାର୍ଟି

କେନ୍ଦ୍ରୀୟ କାର୍ଯ୍ୟାଳୟ

୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧

ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭

ତା.୨୮.୦୨.୨୦୧୩

**ବିରୋଧୀ ଦଳର ନେତ୍ରୀ, ଲୋକସଭା ଶ୍ରୀମତୀ ସୁଷମା ସ୍ୱରାଜ ଓ ବିରୋଧୀ ଦଳର ନେତା, ରାଜ୍ୟସଭା ଶ୍ରୀ ଅରୁଣ ଜେଟଲୀଙ୍କ ମିଳିତ ପ୍ରେସ ଇସ୍ତାହାର ।**

ଆଜି ସଂସଦରେ ଯେଉଁ ବଜେଟ ଉପସ୍ଥାପିତ ହୋଇଅଛି ତାହା ଦେଶର ଅର୍ଥନୈତିକ ସ୍ଥିତିକୁ ସୁଧାରିବା ଦିଗରେ କୌଣସି ସହାୟତା କରିବ ନାହିଁ । ଏକ ବିରାଟ ପ୍ରତିକୂଳ ପରିସ୍ଥିତିରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବର୍ତ୍ତମାନ ଯେଉଁ ବଜେଟଟି ଉପସ୍ଥାପନା କରାଯାଇଛି ସେଥିରେ ନୀତି ନିୟମ ତଥା ଦରଦାମର ସାମାନ୍ୟ ମାତ୍ର ପରିବର୍ତ୍ତନ କରାଯାଇଛି । ହେଲେ ଉ.ପା ସରକାରଙ୍କ ପଙ୍ଗୁ ପ୍ରାୟ ନୀତି ନିୟମ ହିଁ ଦେଶର ଅର୍ଥନୈତିକ ପରିସ୍ଥିତିକୁ ଏପରି ଚରମ ଅବସ୍ଥାରେ ପହଞ୍ଚାଇଛି । ଯଦିଓ ବାହାରୁ ଉକ୍ତ ବଜେଟଟି ବିରାଟ ପରିବର୍ତ୍ତନ ଆଣିବା ଭଳି ଦୃଶ୍ୟମାନ ହୁଏ, ହେଲେ ବାସ୍ତବ ପକ୍ଷେ ସେଥିରେ ଉତ୍ସାହ ଜନକ ହେବା ଭଳି କୌଣସି ଘଟଣା ହିଁ ନାହିଁ । ଦେଶର ବିନିର୍ମାଣ କାର୍ଯ୍ୟ ନେଇ ଏଥିରେ ତିଳେ ମାତ୍ର ଗୁରୁତ୍ୱ ଦିଆଯାଇନାହିଁ । କୃଷି କ୍ଷେତ୍ର ତ ସବୁବେଳ ପାଇଁ ସରକାରଙ୍କର ଅବହେଳାର ଶିକାର ହୋଇ ଆସିଛି । ହେଲେ ବର୍ତ୍ତମାନର ପରିସ୍ଥିତି ସାଧାରଣ ମଣିଷର ସୁଖ ଶାନ୍ତିକୁ ମଧ୍ୟ ଛଡ଼ାଇ ନେଇଛି । ଏଥିରେ ଦେଶର ରପ୍ତାନୀ ବୃଦ୍ଧି, ମୁଦାସ୍ଫୀତୀ ହ୍ରାସ, ଟଙ୍କାର ଉଚ୍ଚ ମୂଲ୍ୟାୟନ, ଦେଶର ଜି.ଡ଼ି.ପି ବିକାଶ ହାରକୁ ୫% ରୁ ପୁଣି ୯%କୁ ପହଞ୍ଚାଇବା ନେଇ କୌଣସି ଯୋଜନା ପରିଲକ୍ଷିତ ହୁଏ ନାହିଁ ।

ପ୍ରତ୍ୟେକ୍ଷ ହେଉ ବା ପରୋକ୍ଷରେ ହେଉ ଜନତାଙ୍କ ଉପରେ ଅଧିକ କରଦାନର ବୋଝ ଲଦି ଦେବା ଓ ଖର୍ଚ୍ଚକୁ କାଟ କରିବା ଜନତାଙ୍କ ସହ ଏକ ପ୍ରକାରର ପ୍ରତାରଣା କହିଲେ ମଧ୍ୟ ଭୂଲ ହେବ ନାହିଁ । ଭବିଷ୍ୟତ ପାଇଁ ସୁରକ୍ଷାର ବ୍ୟବସ୍ଥା ବା ଖର୍ଚ୍ଚ କାଟ କରିବା ଦ୍ୱାରା ଚଳିତ ବର୍ଷର ବିତ୍ତୀୟ

ନିଅଣ୍ଟ ସହ ଆଗାମୀ ବର୍ଷର ବିତ୍ତୀୟ ନିଅଣ୍ଟକୁ ମଧ୍ୟ ଦେଖିବା ଯୋଗ୍ୟ କରାଇବ । ଖାଦ୍ୟ ସବସିଡ଼ି ନିମିତ୍ତ ଚଳିତ ବର୍ଷ ୭୫,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ସଂଶୋଧିତ ଖର୍ଚ୍ଚ ୮୫,୦୦୦ କୋଟି  ରଖା ଯାଇଛି ଓ ଆଗାମୀ ବର୍ଷରେ ଉକ୍ତ ସବସିଡ଼ି ୮୦,୦୦୦ କୋଟିକୁ ହ୍ରାସ ପାଇବାର ମଧ୍ୟ ସମ୍ଭାବନା ରଖାଯାଇଛି । ଅର୍ଥମନ୍ତ୍ରୀ ମହୋଦୟ ଆଉ ୧୦,୦୦୦ କୋଟି ଅଧିକ ଖାଦ୍ୟ ସୁରକ୍ଷା ବିଲ ପାଇଁ ଯୋଗାଇବା ପାଇଁ ଘୋଷଣା କରିଛନ୍ତି । ପ୍ରକୃତ ପକ୍ଷେ ଏହା ୫,୦୦୦ କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଯାହାର ପ୍ରଭାବ ଖାଦ୍ୟ ନେଇ ଦିଆଯାଉଥିବା ସବସିଡ଼ି ଉପରେ ନିଶ୍ଚିତ ଭାବରେ ପଡ଼ିବ । ସ୍ୱାସ୍ଥ୍ୟ ପାଇଁ ୧୮,୫୧୫ କୋଟି ଟଙ୍କାର ବଜେଟ ରଖିଥିବା ବେଳେ ସଂଶୋଧିତ ବଜେଟରେ ତାହା ୧୫,୪୧୧ କୋଟି ରଖାଯାଇଛି । ଆଗାମୀ ବଜେଟରେ ତାହା ୩,୦୦୦ କୋଟି ବୃଦ୍ଧି ପାଇବ ବୋଲି ମଧ୍ୟ ସମ୍ଭାବନା ରଖାଯାଇଛି । ପଞ୍ଚାୟତ ରାଜ କ୍ଷେତ୍ରରେ ମଧ୍ୟ ଅନୁକୂଳ ପରିସ୍ଥିତି ପରିଲକ୍ଷିତ ହୋଇଅଛି । ଉ.ପା ସରକାର ମନରେଗା ସଂସ୍ଥାକୁ ପ୍ରାରମ୍ଭରୁ ୪୦,୦୦୦ କୋଟି ଦେଇଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ତାହା ହ୍ରାସ ପାଇ ୩୩,୦୦୦କୁ ପହଞ୍ଚିଛି । ଚଳିତ ବର୍ଷ ତାହା ୨୯,୩୮୭ କୋଟି ଧାର୍ଯ୍ୟ କରାଯାଇଛି ଏବଂ ଆଗାମୀ ବର୍ଷ ମଧ୍ୟ ତାହା ଆହୁରି ହ୍ରାସ ପାଇବାର ସମ୍ଭାବନା ଦେଖାଯାଏ । ଅର୍ଥମନ୍ତ୍ରୀ ଉକ୍ତ ଅର୍ଥରାଶିର ପରିମାଣକୁ ପୁଣି ୩୩,୦୦୦କୋଟି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟକର ଘଟଣା ହେଲା ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପାଇଁ ମାତ୍ର ୨୯, ୬୭୭ କୋଟି ଯୋଗାଇ ଦିଆଯାଉଥିବା ବେଳେ ସଂଶୋଧିତ ବଜେଟରେ ତାହାର ୪୦% ଅର୍ଥାତ ମାତ୍ର ୮,୧୦୦ କୋଟି ରଖାଯାଇଛି ଏବଂ ଚଳିତ ବର୍ଷ ଏହି ଖର୍ଚ୍ଚକୁ ୧୫,୬୯୦ କୋଟିକୁ ବୃଦ୍ଧି କରାଇବାର ଯୋଜନା ରହିଅଛି ।

ଉ.ପା ସରକାର ପ୍ରତ୍ୟେକ୍ଷ ଲାଭାଂଶ ପରିବର୍ତ୍ତନ ଯୋଜନା  ନାମକ ଏକ ନୂତନ ଯୋଜନା ଜବରଦସ୍ତ ଲାଗୁ କରିଥିଲେ । ଯେଉଁଥିରେ ୨୬ଟି ଯାକ ସମସ୍ତ ଯୋଜନା ୫,୫୯୫.୦୨ କୋଟି ବଜେଟରେ ଅନ୍ତର୍ଭୁକ୍ତ ଥିଲା । ହେଲେ ଆଜି ପର୍ଯ୍ୟନ୍ତ ସେଥିପାଇଁ ମାତ୍ର ୫.୩୮ କୋଟି ଟଙ୍କା ଆବଣ୍ଟିତ ହୋଇଅଛି । ଯାହାକୁ ଭାରତୀୟ ରାଜନୀତିର ପଥ ପରିବର୍ତ୍ତକ ବୋଲି ମଧ୍ୟ କୁହାଯାଉଥିଲା ।

ଚଳିତ ବଜେଟରେ ଆଉ ଏକ ସତର୍କବାଣୀ ରହିଅଛି । ତାହା ହେଲା, ପେଟ୍ରୋଲିୟମ ସବସିଡ଼ିକୁ ୯୬,୯୮୦ କୋଟି ରୁ ହ୍ରାସ କରାଇ ୬୫,୦୦୦ କୋଟି ରଖାଯାଇଛି । ଯାହାକି ପୁନର୍ବାର ପେଟ୍ରୋଲ, ଡ଼ିଜେଲ ଓ ଗ୍ୟାସ ଆଦିର ଦର ବୃଦ୍ଧି କରାଇବାର ପୂର୍ବ ସୂଚନା ଦିଏ ।

ଉକ୍ତ ବଜେଟରେ ନୀତି ନିୟମ ପରିବର୍ତ୍ତନ ହେବା ଭଳି ବା ଅର୍ଥନୀତିର ଦିଶା ପରିବର୍ତ୍ତନ ହେବା ଭଳି କୌଣସି ପଦକ୍ଷେପ ନାହିଁ କହିଲେ ମଧ୍ୟ ଚଳେ ।  ଏଥିରେ ଉନ୍ନତିର ପ୍ରତ୍ୟାଶା ନରଖି କେବଳ ମାତ୍ର କିଛି ଖର୍ଚ୍ଚକୁ କାଟି ଦିଆଯାଇଛି । ହେଲେ ଦେଶର ଦରିଦ୍ର ତଥା ଅନୁନ୍ନତ ବର୍ଗର ଜନତା ଓ ମଧ୍ୟବିତ୍ତ ଶ୍ରେଣୀର ଜନତା ହିଁ ଏଥିନେଇ ବିଶେଷ ଭାବରେ ଆଘାତ ପ୍ରାପ୍ତ ହେବେ ଏହା ନିଃସନ୍ଦେହ ।

**ରାମ କୃପାଳ ସିହ୍ନା**

**ସମ୍ପାଦକ**

**ବି.ଜେ.ପି ପାର୍ଲିଆମେଣ୍ଟାରୀ ପାର୍ଟି**